# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**29 December – 2025**

# ମୁଖ୍ୟମନ୍ତ୍ରୀ–କଳାକାର ଭତ୍ତା ବୃଦ୍ଧି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳାକାର ସହାୟତା ଯୋଜନାରେ ମାସିକ ଭତ୍ତା ପରିମାଣ ବୃଦ୍ଧି କରିଛନ୍ତି । ଫଳରେ ରାଜ୍ୟର ୪୭ହଜାର ୭୦୪ଜଣ କଳାକାର ଓ ସେମାନଙ୍କ ପରିବାରବର୍ଗ ଉପକୃତ ହେବେ । କେନ୍ଦୁଝରଠାରେ ଆୟୋଜିତ ୪୮ତମ ରାଜ୍ୟସ୍ତରୀୟ ପାଲା ସମ୍ମିଳନୀରେ ଯୋଗଦେଇ ୪୦ରୁ ୮୦ ବର୍ଷ ବୟସର କଳାକାରମାନଙ୍କ ପାଇଁ ମାସିକ ଭତ୍ତା ପରିମାଣ ୨ହଜାରରୁ ୩ହଜାର ଟଙ୍କା ଏବଂ ୮୦ ବର୍ଷରୁ ଅଧିକ ବୟସର କଳାକାରମାନଙ୍କୁ ୨ହଜାର ୫୦୦ରୁ ୩ହଜାର ୫୦୦ ଟଙ୍କା ବୃଦ୍ଧି ବିଷୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି । ପାଲା ହେଉଛି ସଂଗୀତର ଅମୃତ ପରିପ୍ରକାଶ । ସଂସ୍କୃତି ଓ ଭାଷାର ମୂଲ୍ୟାୟନରେ ହିଁ ଓଡ଼ିଶାର ପାଲା ସଂସ୍କୃତି ପରିପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି କହିଛନ୍ତି ।

**V/O**

# ସିଇସି ଭିଜିଟ୍

ଓଡ଼ିଶା ଗସ୍ତରେ ଆସିଥିବା ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଗତ ସଂଧ୍ୟାରେ ଦିଲ୍ଲୀ ଫେରିଯାଇଛନ୍ତି । ଆଜିର ବୁଥ୍ସ୍ତରୀୟ ଅଧିକାରୀଙ୍କ ସହ

ବୈଠକ ସମେତ ସମସ୍ତ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି । ଗତ ୨ ଦିନ ମଧ୍ୟରେ ଶ୍ରୀକୁମାର ନିର୍ଭୁଲ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ନେଇ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ।

# ଧର୍ମେନ୍ଦ୍ର ପ୍ରଧାନ-କୃଷି ମେଳା

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନଗୁଳ ଜିଲ୍ଲା ଆଠମଲ୍ଲିକ କିଶୋରନଗରଠାରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ଯୋଗଦେଇ ୧୧୮ କୋଟି ଟଙ୍କା ମୂଲ୍ୟର ୩୬ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ସେ ୩୧କୋଟି ଟଙ୍କାର ୨୨ଟି ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି, ସଂପୃକ୍ତ ପ୍ରକଳ୍ପଗୁଡ଼ିକ ସାଧାରଣ ଲୋକଙ୍କ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆଣିବ । ଏହି ମେଳାରେ ୨୨୯ଜଣ ହିତାଧିକାରୀଙ୍କୁ ସରକାରୀ ସୁବିଧା ପ୍ରଦାନ କରାଯାଇଥିଲା ।

# ଜିରୋନାଇଟ୍-ସୁରକ୍ଷା

ଜିରୋନାଇଟ୍ ପାଳନ ସମୟରେ ମିଶନ ସୁରକ୍ଷା ୨୦୨୬ ଅଧୀନରେ ୭ଟି ଜିଲ୍ଲାର ପର୍ଯ୍ୟଟକମାନଙ୍କୁ ସ୍ୱତନ୍ତ୍ର ସୁରକ୍ଷା ଯୋଗାଇ ଦିଆଯିବ ବୋଲି ଜଣାପଡିଛି । କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ପୁରୀ ସମେତ ଖୋର୍ଦ୍ଧା, ନୟାଗଡ, କଟକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର ଏବଂ ଯାଜପୁର ଜିଲ୍ଲାରେ ପର୍ଯ୍ୟଟକମାନଙ୍କୁ ସୁରକ୍ଷା ଯୋଗାଇ ଦେବାଲାଗି ୧୫୦ ପ୍ଲାଟୁନ ସୁରକ୍ଷାବଳ ମୁତୟନ କରାଯିବ ବୋଲି ଜଣାପଡିଛି । ୨୪ଘଣ୍ଟିଆ ସାମୁଦ୍ରିକ ପାଟ୍ରୋଲିଂ ଟିମ୍ ସହ

ଡ୍ରୋନ୍ ସହାୟତାରେ ଭିଡ଼ ଉପରେ ନଜର ରଖାଯିବ ବୋଲି କୁହାଯାଇଛି ।

## ପଲ୍ଲିଶ୍ରୀ ମେଳା-ଜିଲ୍ଲା ମହୋତ୍ସବ

ନୟାଗଡ ଜିଲ୍ଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଗତ ସଂଧ୍ୟାରେ ଉଦ୍‌ଯାପିତ ହୋଇଛି । ଜିଲ୍ଲା ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲ୍ଲାରେ ପର୍ଯ୍ୟଟନ କ୍ଷେତ୍ରରେ ଅନେକ ଭିତ୍ତିଭୂମିର ବିକାଶ କରାଯାଇଥିବା କହିଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ୨୯୦ଟି ମଣ୍ଡପ ଖୋଲାଯାଇଥିଲା ।

## ଶ୍ରୀମନ୍ଦିର-ଧ୍ୱଜା ବନ୍ଧା

ପୁରୀ ଶ୍ରୀମନ୍ଦିରରେ ଚଳିତବର୍ଷର ଶେଷଦିନ ଓ ନୂଆବର୍ଷର ପ୍ରଥମ ଦିନ ଅତ୍ୟଧିକ ଭିଡ଼ ହେବାର ସମ୍ଭାବନା ଥିବାରୁ, ସେହି ଦୁଇଦିନ ଧ୍ୱଜା ବନ୍ଧା ନୀତି ସଂଧ୍ୟା ୫ଟା ପରିବର୍ତ୍ତେ ଅପରାହ୍ଣ ୩ଟା ସୁଦ୍ଧା ଶେଷ କରିବାକୁ ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଛନ୍ତି । ଅପରାହ୍ଣ ସମୟରେ କମ୍ ଗହଳି ମଧ୍ୟରେ ଧ୍ୱଜା ବାନ୍ଧିବା ନେଇ ଶ୍ରୀମନ୍ଦିର ସ୍ୱତନ୍ତ୍ର କାର୍ଯ୍ୟାଳୟ ଚୂନରା ସେବକମାନଙ୍କୁ ନିର୍ଦ୍ଦେଶ ଦେଇଛି । ଅପରାହ୍ଣ ଗୋଟାଏ ୩୦ ସୁଦ୍ଧା ଧ୍ୱଜା ବନ୍ଧା ରସିଦ୍ କରାଯାଇ ଗୋଟାଏ ୪୫ ସୁଦ୍ଧା ଧ୍ୱଜାଗୁଡ଼ିକୁ ଲେଙ୍କା ସେବକମାନେ ଚୂନରା ପାଳିଆ ସେବକଙ୍କୁ ହସ୍ତାନ୍ତର କରିବେ । ସେହି ଦୁଇଦିନ ଶ୍ରୀମନ୍ଦିରକୁ ପ୍ରବେଶ ଓ ପ୍ରସ୍ଥାନ ସହଜ କରିବା ଏବଂ ଭିଡ଼ ନିୟନ୍ତ୍ରଣ କରିବା ପାଇଁ

ଚୂନରା ସେବକମାନଙ୍କୁ କୌଣସି ଉଲାଗି ଧ୍ୱଜା ଗାରଦ ପଶ୍ଚାତଭାଗରେ ବିକ୍ରୟ ନକରିବା ଲାଗି ବାରଣ କରାଯାଇଛି ।

# ୟୁଜିସି ନେଟ୍

ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ପକ୍ଷରୁ ୟୁଜିସି ନେଟ୍ ଡିସେମ୍ବର ପରୀକ୍ଷା ଚଳିତମାସ ୩୧ ଏବଂ ଆସନ୍ତାମାସ ୨/୩/୫/୬ ଓ ୭ ତାରିଖରେ ଅନୁଷ୍ଠିତ ହେବ । କମ୍ପ୍ୟୁଟରଭିତ୍ତିକ ପରୀକ୍ଷା ପଦ୍ଧତିରେ ୮୫ଟି ବିଷୟ ପାଇଁ ପରୀକ୍ଷା କରାଯିବ । ଆସନ୍ତା ୩୧ରେ ହେବାକୁଥିବା ପରୀକ୍ଷା ପାଇଁ ପରୀକ୍ଷାର୍ଥୀମାନଙ୍କୁ **ugcnet.nta.nic.in** ୱେବ୍‌ସାଇଟ୍‌ରୁ ଆଡମିଟ୍‌କାର୍ଡ ଡାଉନ୍‌ଲୋଡ କରିବା ପାଇଁ ପରାମର୍ଶ ଦିଆଯାଇଛି ।

# ଶ୍ରୀମନ୍ଦିର ଭିଡ ନିୟନ୍ତ୍ରଣ

ପୁରୀକୁ ନୂଆବର୍ଷରେ ପର୍ଯ୍ୟଟକଙ୍କ ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କୁ ଶୃଙ୍ଖଳିତ ଦର୍ଶନ କରିବା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବାରିକେଡ୍ ବ୍ୟବସ୍ଥା କରାଯାଇଛି। ଡିସେମ୍ବର ୩୧ ଓ ଜାନୁୟାରୀ ୧ ତାରିଖରେ କେବଳ ସିଂହଦ୍ୱାର ଦେଇ ଶ୍ରଦ୍ଧାଳୁମାନେ ପ୍ରବେଶ କରିବା ସହିତ ଅନ୍ୟ ୩ ଦ୍ୱାର ଦେଇ ପ୍ରସ୍ଥାନ କରିବେ। ସୁରକ୍ଷା ଓ ଟ୍ରାଫିକ୍ ପରିଚାଳନା ପାଇଁ ୨୬ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ କରାଯିବା ସହ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯାଇଛି।

## ଧର୍ମେନ୍ଦ୍ର ପ୍ରଧାନ

ଖେଳ କେବଳ ମନୋରଞ୍ଜନ ନୁହେଁ ବରଂ ଏହା ଅନୁଶାସନ ଓ ଏକତା ଶିଖାଇଥାଏ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଗତକାଲି ଅନୁଗୋଳ ଜିଲ୍ଲା କିଶୋରନଗରଠାରେ ଆୟୋଜିତ କିଶୋର ନଗର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଯୋଗଦେଇ ବିଜୟୀ ଦଳକୁ ପୁରସ୍କାର କରିବା ସହ ଭଳି ପ୍ରୟାସକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସ୍ୱାଗତ କରିଛନ୍ତି ।

## ଟାଇକୋଣ୍ଡୋ

ନବରଙ୍ଗପୁର ଜିଲ୍ଲା ଉତ୍କଳ ବାଳିକା ଆଶ୍ରମ ୟୁନିଟ୍-୨ ବିଦ୍ୟାଳୟର ଛାତ୍ରୀ ପୂଜା ବଞ୍ଜାରା ଅଣସ୍ତରୀତମ ସର୍ବଭାରତୀୟ ଟାଇକୋଣ୍ଡା ୧୪ବର୍ଷରୁ କମ୍ ବାଳିକା ବର୍ଗରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ । ଆସନ୍ତା ମାସ ୬ ତାରିଖରୁ ପଞ୍ଜାବର ଲୁଧିଆନାଠାରେ ଆରମ୍ଭ ହେବାକୁ ଥିବା ସର୍ବଭାରତୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ସେ ଭାଗନେବା ପାଇଁ ପଞ୍ଜାବ ଯାତ୍ରା କରିଛନ୍ତି ।

## ଶୀତ

ରାଜ୍ୟରେ ଶୀତଲହରୀ ଜାରି ରହିଛି । ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ସର୍ବନିମ୍ନ ତାପମାତ୍ରା ୧୦ରୁ ୧୫ ଡିଗ୍ରୀ ମଧ୍ୟରେ ରହିଥିବାବେଳେ ଅନ୍ୟାନ୍ୟ ଜିଲ୍ଲା ଗୁଡ଼ିକରେ ସର୍ବନିମ୍ନ ତାପମାତ୍ରା ୧୦ଡିଗ୍ରୀରୁ ତଳେ ରହିଛି । ଗତକାଲି ରାଜ୍ୟର ୧୩ଟି ସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା । କନ୍ଧମାଳ ଜିଲ୍ଲାର ଘ୍ରୂ. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୩ ଦଶମିକ ୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଭୁବନେଶ୍ୱର

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୪ଘଣ୍ଟା ପର୍ଯ୍ୟନ୍ତ ୯ଟି ଜିଲ୍ଲାରେ ଘନ କୁହୁଡି ହେବା ନେଇ ସତର୍କତା ଜାରି କରାଯାଇଛି ।